# Akashvani, Sambalpur

## SAMBALPURI NEWS EVENING BULLETIN

**6 October 2024- 7.02 pm- 7.12 pm.**

********************************************

୧- କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ନୂଆଦିଲ୍ଲୀ ନ ହେବା ଓଡ଼ିଶା ସହେତେ ମାଓପ୍ରଭାବିତ୍ ୮ ରାଜ୍ୟର୍ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ସମୀକ୍ଷା ବୈଠକ୍ ।

- ମୁଖ୍ୟମନ୍ତ୍ରୀଙ୍କର୍ ଆଏଜ୍‌ନୁ ୩ ଦିନିଆ ଦିଲ୍ଲୀ ଗସ୍ତ ।

୨- ବର୍‌ଗଡ଼୍ ଜିଲ୍ଲା ନୁ ଏଛେନ୍‌ତକ୍ ୭୩ ଝନ୍‌କର୍ ଠାନେ ସ୍କ୍ରବ୍ ଟାଇଫସ୍ ପଜିଟିଭ୍ ଥିବାର୍ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କର୍ ସୂଚ୍‌ନା ।

୩- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ବନ୍ଦ୍ ରହେବା ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ।

ଆଉର୍

୪- ଶ୍ରୀକ୍ଷେତ୍ର ପୁରୀ ନ ହବିଷ ବ୍ରତ ପାଳନ୍ ଲାଗି ଆଏଜ୍ ଠାନୁ ମୁଲ୍ ହେଲା ଅନ୍‌ଲାଇନ୍ ପଞ୍ଜିକରଣ୍ ।

ଅମିତ୍ ଶାହା-ବୈଠକ୍          ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ଗୃହ ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ୍ ୮ଟା ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନ୍‌କର୍ ସାଙ୍ଗେ ଗୁଟେ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କର୍‌ବେ । ବୈଠକ୍‌ଥି ଆନ୍ଧ୍ରପ୍ରଦେଶ୍, ବିହାର୍, ଛତିଶ୍‌ଗଡ଼୍, ଝାର୍‌ଖଣ୍ଡ୍, ତେଲେଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଆର୍ ମଧ୍ୟପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ । ୨୦୨୬ ମାର୍ଚ୍ଚ ମାସ୍‌ତକ୍ ନକ୍ସଲ୍‌ପନ୍ଥୀ କାର୍ଯ୍ୟକଳାପହ ପୁରା ମୁଳୋତ୍ପାଟନ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ନକ୍ସଲ୍‌ବାଦ୍ ଆହ୍ୱାନ୍‌ର ମୁକାବିଲା ଲାଗି କାର୍ଯ୍ୟପନ୍ଥା ଥିର୍ କର୍‌ବାର୍ ଲକ୍ଷ୍ୟଥି ଇ ବୈଠକ୍ ନ ଟିକ୍‌ନିଖି ଆଲୋଚନା ହେବାର୍ ସମ୍ଭାବନା ରହିଛେ । ବୈଠକ୍‌ଥି ଜାତୀୟ ସୁରକ୍ଷାର ଉପ-ପରାମର୍ଶଦାତା ଆଉ କେନ୍ଦ୍ର ରାଜ୍ୟ ଆଉ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର ବରିଷ୍ଠ ଅଧିକାରୀମାନେ ଭିଲ୍ ଆଲୋଚନାଥି ଭାଗ୍ ନେବେ । ପ୍ରଭାବିତ୍ ରାଜ୍ୟର୍ ଦୁର୍ଗମ ଇଲାକାକେ ଉନ୍ନୟନ୍‌ମୂଲକ୍ ଯୋଜ୍‌ନା ପୁହୁଁଚାବାର୍ ଲାଗି ସଡ଼କ୍ ଆର୍ ମୋବାଇଲ୍ ଯୋଗାଯୋଗ୍‌କେ ତହଁକାବାର ଲାଗି ନିଆଯାଇଥିବା ପଦକ୍ଷେପ୍ ଉପ୍‌ରେ ଇ ବୈଠକ୍‌ଥି ଆଲୋଚନା ହେବା । ଏଛେନ୍‌ତକ୍ ପ୍ରଭାବିତ୍ ରାଜ୍ୟର୍ ଦୁର୍ଗମ୍ ଇଲାକା ନ ୧୪ ହଜାର୍ ୪ ଶହ

କିଲୋମିଟର୍ ରାସ୍ତା ତିଆର୍ ହେଇଥିବାର୍ ବେଲେ ପାଖାପାଖି ୬ ହଜାର୍ ମୋବାଇଲ ଟାୱାର୍ ବସାଯାଇଥିବାର୍ ଜନାପଡ଼ିଛେ ।
ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୩ ଦିନିଆ ଦିଲ୍ଲୀ ଗସ୍ତଥି ଯାଉଛନ୍ । ଇ ଗସ୍ତ ଅବ୍‌ସରେ ମୁଖ୍ୟମନ୍ତ୍ରୀ ନକ୍ସଲ୍ ପ୍ରଭାବିତ ରାଜ୍ୟମାନ୍‌କର୍ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେବାର୍ ସହେତେ ଅଲ୍‌ଗା କେତେ କାର୍ଯକ୍ରମ୍‌ଥି ଭାଗ୍ ନେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସ୍କ୍ରବ୍ ଟାଇଫସ        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ନ ଇ ବଛର୍ ଆରମ୍ଭ ନୁ ଏଛେନ୍‌ତକ୍ ଭିନ୍ ଭିନ୍ ଇଲାକାନୁ ସ୍କ୍ରବ୍ ଟାଇଫସ୍ ସନ୍ଦେହଥି ୯ ଶହ ନୁ ଅଏତ୍‌କା ଲୁକ୍‌କର୍ ରକ୍ତ ନମୁନା ପରୀକ୍ଷା କରାଯାଇଛେ । ସେଥିର୍‌ଭିତ୍‌ରୁ ୭୩ ଝନ୍‌କର୍ ଠାନେ ସ୍କ୍ରବ୍ ଟାଇଫସ୍ ପଜିଟିଭ୍ ଥିବାର୍ ଜନାପଡ଼ିଛେ । ଭିନ୍ ଭିନ୍ ଡାକ୍ତର୍‌ଖାନାଥି ଚିକିତ୍ସିତ୍ ହେଉଥିବା ଇ ରୋଗୀଙ୍କର୍ ସ୍ୱାସ୍ଥ୍ୟ ଅବସ୍ଥାଥି ଉନ୍ନତି ଘଟିଛେ ବଲି ବର୍‌ଗଡ଼୍ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ନିରୂପମା ଷଡ଼ଙ୍ଗୀ କହିଛନ୍ । ସେ କହିଛନ୍ ଯେ,

(ଭଏସ୍ ଓଭର୍-୧- ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ)

ଜିଲ୍ଲା ନ ଜୁନ୍ ନୁ ସେପ୍ଟେମ୍ବର୍ ମାସ୍ ଭିତ୍‌ରେ ବିଷାନ୍ ପୋକ୍ ଚାବ୍‌ବାର୍‌ନୁ ବହୁତ୍‌ଟେ ଲୋକ୍ ବେମାର୍ ପଡ଼୍‌ସନ୍ । ଇ

ବଛର୍ ଇଥିର୍‌ଲାଗି ଦୁଇଝନ୍‌କର୍ ଜୀବନ୍ ଯାଇଥିବାର୍ ଡାକ୍ତର୍ ଷଡ଼ଙ୍ଗୀ କହିଛନ୍ । ସେ କହିଛନ୍ ଯେ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହେତେ ସବୁ ସର୍‌କାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ପରୀକ୍ଷା ଲାଗି ଯନ୍ତ୍ରପାତି ଅଛେ । ଘରୋଇ ଡାକ୍ତର୍‌ଖାନାମାନ୍‌କେ ଚିକିତ୍ସିତ୍ ହେଉଥିବା ରୋଗୀଙ୍କର୍ ବାବ୍‌ଦେ ଖବର୍ ଦେବାର୍ ଲାଗି ସେନର୍ ଡାକ୍ତର୍‌ଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଡାକ୍ତର୍ ଷଡ଼ଙ୍ଗୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍‌ଏନ୍‌ୟୁ/କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ଆଉ ୧୪ ତାରିଖ୍ ଦିନ ବନ୍ଦ୍ ରହେବା । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଆର୍ ୧୪ ତାରିଖ୍ ଦିନ ଦୁର୍ଗାପୂଜା ଭସାଣି ଥିବାର୍‌ନୁ ଜନଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଯୁକ୍ତ ଦୁଇ ପରୀକ୍ଷା ତାରିଖ୍ ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୨୪-୨୫ ଶିକ୍ଷାବଛର୍ ଲାଗି ଯୁକ୍ତ ଦୁଇ ପରୀକ୍ଷା ତାରିଖ୍ ଘୋଷ୍ନା କରାଯାଇଛେ । ଇ ପରୀକ୍ଷା ୩ ଟା ଖେପେ ହେବା ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ଡିସେମ୍ବର୍ ୨୬ ନୁ ୩୦ ତାରିଖ୍ ଭିତ୍ରେ ପହେଲା ଇଂଟର୍ନାଲ୍ ପରୀକ୍ଷା ହେବା । ଦୁଇ ନମ୍ବର୍ ଖେପେ ଜାନୁଆରୀ ୨ ନୁ ୧୨ ତାରିଖ୍ ଭିତ୍ରେ ସବୁ ପ୍ରାକ୍ଟିକାଲ୍ ପରୀକ୍ଷା ସର୍ବା । ଇଂଟର୍ନାଲ୍ ଆର୍ ପ୍ରାକ୍ଟିକାଲ୍ ପରୀକ୍ଷା ସର୍ବାର୍ ଉତ୍ରୁ ଫେବୃଆରୀ ୧୫ ତାରିଖ୍ନୁ ମାର୍ଚ୍ଚ ୨୦ ତାରିଖ୍ତକ୍ ମୁଖ୍ୟ ଲିଖିତ ପରୀକ୍ଷା ହେବା । ପରୀକ୍ଷା ସର୍ବାର୍ ୪୫ ଦିନ୍ ଭିତ୍ରେ ରିଜଲ୍ଟ ବାହାର୍ କର୍ବାର୍କେ ପରିଷଦ ଲକ୍ଷ୍ୟ ରଖିଛେ ।

ପୁରୀ- ହବିଷ୍ୟାଳି ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଇ ବଛର୍ ହବିଷ୍ୟାଳୀ ଯୋଜ୍ନାଥି ହବିଷ୍ୟାଳିମାନ୍‌କର୍ ରହେବାର୍ ଲାଗି ଆଏଜ୍‌ନୁ ଅନ୍‌ଲାଇନ୍ ଜରିଏ ପଞ୍ଜିକରଣ୍ ମୁଲ୍ ହେଇଛେ । ଇ ପଞ୍ଜିକରଣ୍ ଆଏବା ୧୧ ତାରିଖ୍ତକ୍ ଚାଲ୍ବା । ଇଥିର୍‌ଲାଗି ନାଁ ପଞ୍ଜିକରଣ୍ କର୍ବାର୍କେ ଥିବାର୍ ହବିଷ୍ୟାଳୀମାନେ ଇ-ଡିଷ୍ଟ୍ରିକ୍ଟ ଡଟ୍ ଓଡ଼ିଶା ଡଟ୍ ଗଭ୍ ଡଟ୍

ଇନ୍ ୱେବ୍‌ସାଇଟ୍ ଜରିଏ ପଞ୍ଜିକରଣ୍ କରାଯାଇପାରୁଛେ । ସ୍ୱଟ୍ ପଞ୍ଜିକରଣ୍ ଇ ବଛର୍ ନାଇଁ ହୁଏ । ଇଚ୍ଛୁକ ହବିଷ୍ୟାଳି ମାନେ ଆଏବା ୧୭ ତାରିଖ୍‌ନୁ ପୁରୀ ନ ପୁହୁଁଚିକରି ଅଫ୍‌ଲାଇନ୍ ପଞ୍ଜିକରଣ୍ ଭିଲ୍ କରିପାର୍‌ବେ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ୨ ହଜାର୍ ୫ ଶହ ଝନ୍‌କୁ ପଞ୍ଜିକରଣ୍ କରାଯିବା । ହବିଷ୍ୟାଳିମାନ୍‌କର୍ ରହେବାର୍ ଲାଗି ୪ ଟା ଶିବିର ଆଉ ମାହାଲିଆ ମହାପ୍ରସାଦ୍ ଖାଏବାର୍ ବ୍ୟବସ୍ଥା କରାଯାଇଛେ । ଯେନ୍‌ମାନେ ଆବେଦନ୍ କର୍‌ବେ ସେମାନେ ଶାରୀରିକ ଆର୍ ମାନସିକ ଭାବେ ସୁସ୍ଥ ଥିବାର୍ ଦର୍‌କାର୍ । ସେନ୍ତା ବିଧବା ବ୍ରତଧାରୀ ଆର୍ ନୂଆଁ ଆବେଦନ୍‌କାରୀଙ୍କୁ ପହେଲା ସୁଯୋଗ୍ ଦିଆଯିବା । ଯେନ୍‌ମାନେ ଅନ୍‌ଲାଇନ୍ ପଞ୍ଜିକରଣ୍ ନାଇଁ କରିଥିବେ ସେମାନ୍‌କୁ ଇ ଯୋଜ୍‌ନା ଅଧିନ୍‌ଥି ରହେବାର୍‌କେ ନାଇଁ ଦିଆଯାଏ ବଲି କୁହାଯାଇଛେ ।

ବଲାଙ୍ଗିର୍ ଦୁର୍ଗାପୂଜା ବଲାଙ୍ଗିର୍ ଦୁର୍ଗାପୂଜା

ବଲାଙ୍ଗିର୍ ଜିଲ୍ଲା ସହର୍‌ନୁ ଗାଁ ଇଲାକା ତକ୍ ଏଛେନ୍ ସବୁ ଜାଗା ନ ମା ଦୁର୍ଗାଙ୍କର୍ ନବଦୁର୍ଗା ମେଢ଼ ପୂଜା ହଉଥିବାର୍ ବେଲ୍‌କେ ସବୁ ଦେବୀ ପୀଠମାନ୍‌କେ ଷୋହଳ ପୂଜା ମୁଲ୍ ହେଇଯାଇଛେ । ଫି' ଦିନ ମା ଭିନ୍ ଭିନ୍ ବେଶଥି ଦର୍ଶନ୍

ଦଉଛନ୍ । ଖାସ୍ କରି ବଲାଙ୍ଗିର୍ ଜିଲ୍ଲାର୍ ପାଟ୍ନାଗଡ଼୍ ବଏଲ୍ ଯାତ୍ରାଥି ମା ପାଟଣେଶ୍ୱରୀ, ଡଙ୍ଗେଇ ଆର୍ ମା ସମଲେଶ୍ୱରୀଙ୍କର୍ କାଲିସୀ ବାହାରିକରି ନଅମୀ ତିଥିଥି ଭକ୍ତମାନ୍‌କୁ ଦର୍ଶନ୍ ଦେସନ୍ । ଇତାର୍‌ସହେତେ ଦୁର୍ଗାମେଢ଼ମାନ୍‌କେ ଭିଲ୍ ଯାଏସନ୍ । ଇ ବାବ୍‌ଦେ ଗବେଷକ ଲକ୍ଷ୍ମୀକାନ୍ତ ମିଶ୍ର କହିଛନ୍...

(ଭଏସ୍ ଓଭର୍-୧- ଗବେଷକ ଲକ୍ଷ୍ମୀକାନ୍ତ ମିଶ୍ର )

ବର୍‌ଗଡ଼୍- ଦୁର୍ଗାପୂଜା ବର୍‌ଗଡ଼୍ ସମ୍ବାଦଦାତା

ଶକ୍ତିପୀଠମାନ୍‌କେ ମା'ଙ୍କର୍ ନବରାତ୍ର ପୂଜା ଅବ୍‌ସରେ ୪ ନମ୍ବର୍ ଦିନେ ଆଏଜ୍ କୁଷ୍ମାଣ୍ଡା ବେଶ ହେଇଛେ । ବର୍‌ଗଡ଼୍‌ର ଗ୍ରାମ୍ୟଦେବୀ ମା ସମଲେଶ୍ୱରୀଙ୍କର୍ ପୀଠ ନ ୧୨ ତାରିଖ୍‌ତକ୍ ନବରାତ୍ର ପୂଜା ଚାଲିଛେ । ଦେବୀଙ୍କର୍ କୁଷ୍ମାଣ୍ଡା ବେଶ ଦର୍ଶନ୍ ଲାଗି ଆଏଜ୍ ମନ୍ଦିର୍ ନ ଜବର୍ ଭିଡ଼୍ ହେଉଥିବାର୍ ଦେଖାଦେଇଛେ ।

ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବିଦ୍ୟାଳୟ ଆଉ ଗଣଶିକ୍ଷା, ଅନୁସୂଚିତ ଜାତି ଜନଜାତି ବିକାଶ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୌଦ୍ଧ ଜିଲ୍ଲା ଗସ୍ତ୍‌ଥି ଆସିକରି ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନାର୍ ସମୀକ୍ଷା କରିଛନ୍ ।

ଇତାର୍‌ଛଡ଼ା ବିଜେପି ଜିଲ୍ଲା ସଭାପତି ବିପ୍ରଚରଣ୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସାଂଗଠନିକ୍ ବୈଠକ୍‌ଥି ଯୋଗ୍ ଦେଇକରି ସଦସ୍ୟତା ସଂଗ୍ରହ ଅଭିଯାନ୍ ବାବ୍‌ଦେ ଆଲୋଚନା କର୍‌ବାର୍ ସହେତେ ମାର୍ଗଦର୍ଶନ୍ କରିଥିଲେ ।

ତୀରନ୍ଦାଜ୍ କ୍ରୀଡ଼ା ପ୍ରତିଯୋଗିତା ବୌଦ୍ଧ ସମ୍ବାଦଦାତା

ଉତର୍‌ପ୍ରଦେଶ୍‌ର ଫରିଦାବାଦ୍ ଠାନେ ହେଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ସମୂହର୍ ତୀରନ୍ଦାଜ୍ କ୍ରୀଡ଼ା ପ୍ରତିଯୋଗିତାଥି ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର୍ ଛାତ୍ରଛାତ୍ରୀଙ୍କୁ ସଫଳତା ମିଲିଚେ । ଇଥି ସୁରଜ୍ ମେହେର୍ ୨ ଟା ସୁନାର୍ ପଦକ୍ କ୍ରୀଷ୍ଣାମୟୀ ମହାକୁର୍ ରୌପ୍ୟପଦକ୍ ଆର୍ ସନ୍ତୃପ୍ତି ସାହୁ ବ୍ରୋଞ୍ଜ୍ ପଦକ୍ ପାଇଛନ୍ । ଛାତ୍ରଛାତ୍ରୀମାନେ ବୌଦ୍ଧ ପୁହୁଁଚିବାର୍ ଉତ୍‌ରୁ ସେମାନ୍‌କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍-ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହା ବ୍ଲକ୍‌ର କୁସଙ୍ଗ ଆର୍ ବାଦିମୁଣ୍ଡା ନ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ଆର୍ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଉଦ୍‌ଘାଟନ୍ କରିଛନ୍ ।

ସେନ୍ତା ଦୁହି ମନ୍ତ୍ରୀ ଜିଲ୍ଲାର୍ ବୁଢ଼ୀପଦର୍ ଗ୍ରାମ୍‌ପଂଚାୟତ୍ ନ ଗୁଟେ ପାର୍କକେ ଭିଲ୍ ଉଦ୍‌ଘାଟନ୍ କରିଛନ୍ । ଡିସେମ୍ବର୍ ୨୦୨୫ ତକ୍ ରାଜ୍ୟର୍ ଫି' ଘର୍‌କେ ହର୍‌ଘର୍ ଜଲ୍ ଯୋଜ୍‌ନାଥି ସବୁ ଘର୍‌କେ ସଫା ପିଇବାର୍ ପାଏନ୍ ପାଇପ୍‌ଥି ଯୁଗେଇ ଦିଆଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । କାର୍ଯ୍ୟକ୍ରମ୍‌ମାନ୍‌କେ ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା ସିଂହଦେଓ ଆର୍ ଟିଟିଲାଗଡ଼୍ ବିଧାୟକ୍ ନବୀନ୍ ଜୈନ୍ ଉପସ୍ଥିତ୍ ଥିଲେ ।

ଜିଲ୍ଲା ଦକ୍ଷତା ବିକାଶ୍ ମିଶନ୍ ବୈଠକ     ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଦକ୍ଷତା ବିକାଶ୍ ମିଶନ୍‌ର ଗୁଟେ ବୈଠକ୍ ଜିଲ୍ଲାପାଲ୍ କବିନ୍ଦ୍ର କୁମାର ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ନ ଦକ୍ଷତା କେନ୍ଦ୍ର, ଆଇଟିଆଇ, ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ୍‌କେ ଛାତ୍ରଛାତ୍ରୀମାନ୍‌କୁ ଦକ୍ଷତା ଉପ୍‌ରେ ତାଲିମ୍ ଆଉ ସ୍ୱଳ୍ପ କାଳୀନ ଦକ୍ଷତା ତାଲିମ୍ ଉପ୍‌ରେ ସମୀକ୍ଷା କର୍‌ବାର୍ ସହେତେ ଜିଲ୍ଲା ସ୍ପେଶିଆଲ୍ ଜେଲ୍‌ଥି ଥିବା କଏଦୀମାନ୍‌କୁ କେନ୍ତା ଦକ୍ଷତା ତାଲିମ୍ ଦିଆଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା ହେଇଥିଲା ।

ପାର୍ବଣ ସମିଆଥି- ସ୍ୱତନ୍ତ୍ର ଟ୍ରେନ୍     ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବତଟ ରେଲ୍‌ବାଇ ପାର୍ବଣ ସମିଆଥି ୨୭ ଜୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଲାବାର୍‌କେ ଯୋଜ୍‌ନା କରିଛେ । ଇତାର୍‌ଛଡ଼ା ଆହୁରି ୧୪ ଜୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ଭିଲ୍ ବ୍ୟବସ୍ଥା କରାଯାଇଛେ । ପୂଜା ଛୁଟିଥି ୫ ଲାଖ୍ ୩୨ ହଜାର୍‌ନୁ ଅଏତ୍‌କା ଯାତ୍ରୀ ପରିବହନ୍ ଲକ୍ଷ୍ୟ ନେଇକରି ରେଲ୍‌ବାଇ ତର୍‌ଫୁ ଇ ଯୋଜ୍‌ନା କରାଯାଇଛେ ଆଉ ଇ ଟ୍ରେନ୍ ନଭେମ୍ବର୍ ଶେଷ୍ ହପ୍ତାତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ୨୦ ଟା ଜିଲ୍ଲା ନ କୋହଲା ପାଗ୍ ସହେତେ ଘଡ଼୍‌ଘଡ଼ି ମାର୍‌ବାର୍ ଡର୍ ଥିବାର୍‌ନୁ ଆଏବା ୨୪ ଘଂଟା ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଦିଆଯାଇଛେ । ଇ ଜିଲ୍ଲାମାନ୍‌କର୍ ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍‌ଗଡ଼ ଜିଲ୍ଲା ରହିଛେ ।